# ବୈଜ୍ଞାନିକ ପଦ୍ଧତିରେ ଭେଣ୍ଡି ଚାଷ



ଆଲେଖ୍ୟ:

**ଡ. ବିଭୁତି ଭୂଷଣ ସାହୁ**

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର, (ଓୟୁଏଟି)

ଭବାନୀପାଟଣା

**ଶ୍ରୀମତୀ ଶୁଭଶ୍ରୀ ସାହୁ, ଶ୍ରୀ ତ୍ରିବିଜୟୀ ବଡ଼ଜେନା**

**ଶ୍ରୀମତୀ ତୁଳସୀ ମାଝୀ, ଶ୍ରୀ ସ୍ୱରାଜ ମେହେର**

**ଶ୍ରୀ ବିଶ୍ୱରଞ୍ଜନ ବାରିକ**

କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି

ସଂପାଦନା:

**ଡ. ଅମିତାଭ ପଣ୍ଡା**

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି

**କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର**

# ବୈଜ୍ଞାନିକ ପଦ୍ଧତିରେ ଭେଣ୍ଡି ଚାଷ

**ସଂପାଦନା:**

**ଡ. ଅମିତାଭ ପଣ୍ଡା**

ବରିଷ୍ଠ ବୈଜ୍ଞାନିକ ଓ ପ୍ରମୁଖ

କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି

**ଆଲେଖ୍ୟ**

**ଡ. ବିଭୁତି ଭୂଷଣ ସାହୁ**

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର, (ଓୟୁଏଟି) ଭବାନୀପାଟଣା

**ଶ୍ରୀମତୀ ଶୁଭଶ୍ରୀ ସାହୁ**

କାର୍ଯ୍ୟକ୍ରମ ସହାୟିକା (ଗୃହ ବିଜ୍ଞାନ)

**ଶ୍ରୀ ତ୍ରିବିଜୟୀ ବଡଜେନା**

ବୈଜ୍ଞାନିକ (ସଂପ୍ରସାରଣ ବିଭାଗ)

**ଶ୍ରୀମତୀ ତୁଳସୀ ମାଝୀ**

ବୈଜ୍ଞାନିକ (ଉଦ୍ୟାନ କୃଷି)

**ସ୍ୱରାଜ ମେହେର,** ନିକ୍ରା ପ୍ରକଳ୍ପ

**ବିଶ୍ୱରଞ୍ଜନ ବାରିକ,** ଉଦ୍ଭିଦ ସ୍ୱାସ୍ଥ୍ୟ କେନ୍ଦ୍ର

**ପ୍ରକାଶକ**

କୃଷି ବିଜ୍ଞାନ କେନ୍ଦ୍ର, କଳାହାଣ୍ଡି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

**ମୁଦ୍ରଣ**

**ଅଙ୍କିତା ଗ୍ରାଫିକ୍ସ**

ଭୁବନେଶ୍ୱର, ଫୋନ୍ ୯୪୩୭୦୭୭୩୩୭



# ଭେଣ୍ଡି ଚାଷ

ଭେଣ୍ଡି ଆମ ଦୈନନ୍ଦିନ ଜୀବନରେ ବ୍ୟବହୃତ ଏକ ସବୁଜ ପରିବା ଯେଉଁଥିରେ ସାଧାରଣତଃ ଭିଟାମିନ୍, କ୍ୟାଲ୍-ସିୟମ୍, ପୋଟାସିୟମ୍ ଏବଂ ମିନେରାଲସ୍ ଥାଏ। ଭେଣ୍ଡିରେ ଆୟୋଡିନ୍ ମଧ୍ୟ ବିଶେଷ ମାତ୍ରାରେ ଥାଏ, ଯାହା ଆମର ଗଳଗଣ୍ଡ ରୋଗର ଉପଶମ ପାଇଁ ବିଶେଷ ଲାଭଦାୟକ। ଭେଣ୍ଡିରେ ଉଭୟ ଦ୍ରବିଭୂତ ହେଉଥିବା ଏବଂ ହେଉନଥିବା 'ତନ୍ତୁ' ଉପଲବ୍ଧ ଥାଏ। ଦ୍ରବିଭୂତ ହେଉଥିବା ତନ୍ତୁ କୋଲେଷ୍ଟ୍ରଲ୍ କମ୍ କରି ହୃଦ ରୋଗର ସମ୍ଭାବନାକୁ କମ୍ କରିଥାଏ କିନ୍ତୁ ଦ୍ରବିଭୂତ ହେଉନଥିବା ତନ୍ତୁ ଅନ୍ତଃନାଡିର କର୍କଟ ରୋଗ ଉପଶମ କରିଥାଏ। ଏତଦ୍ ବ୍ୟତୀତ ତୁର୍କୀରେ ଭେଣ୍ଡି ପତ୍ରକୁ ଜଳାପୋଡା ରୋଗର ଔଷଧରେ ବ୍ୟବହାର କରାଯାଇଥାଏ। ଅଧିକନ୍ତୁ ଭେଣ୍ଡି ମଞ୍ଜିକୁ ଶୁଖାଇ ଗୁଣ୍ଡ କରି କଫି ପାଉଡର ପରିବର୍ତ୍ତେ ବ୍ୟବହାର କରାଯାଏ। ଭେଣ୍ଡିର ଚେର ଓ ଡାଳ, ଆଖୁ ରସରୁ ଗୁଡ ପ୍ରସ୍ତୁତି କରିବା ସମୟରେ ସାଧାରଣତଃ ସଫା କରିବା ପାଇଁ ବ୍ୟବହୃତ ହୁଏ।

## ଭେଣ୍ଡି ଉତ୍ପାଦନରେ ଭାରତ ତଥା ଓଡିଶାର ସାମ୍ପ୍ରତିକ ସ୍ଥିତି

ଭେଣ୍ଡି, ବହୁଳ ମାତ୍ରାରେ ବ୍ୟବହୃତ ଏବଂ ଉତ୍ପାଦିତ, ଏକ ଗୁରୁତ୍ୱପୂର୍ଣ୍ଣ ପରିବା ଯାହା ବିଶ୍ୱର ପ୍ରାୟ ସମସ୍ତ ସ୍ଥାନରେ ଚାଷ କରାଯାଇଥାଏ।୨୦୨୧-୨୦୨୨ ତଥ୍ୟ ଅନୁସାରେ, ଭାରତ ହାରାହାରି ୫.୪୬ଲକ୍ଷ ହେକ୍ଟର ଜମିରୁ, ୬୭ଲକ୍ଷ ଟନ୍ ଭେଣ୍ଡି ଅମଳ କରି, ବିଶ୍ୱ ଭେଣ୍ଡି ଉତ୍ପାଦନରେ ପ୍ରଥମ ସ୍ଥାନ ଅର୍ଜନ କରିଛି। ଓଡିଶା ହେକ୍ଟର ପ୍ରତି ହାରାହାରି ୧୦.୧୧ ଟନ୍ ହିସାବରେ ସମୁଦାୟ ୬୫,୫୧୨ ହେକ୍ଟର ଜମିରୁ, ୬,୬୨,୬୪୧ ଟନ୍ ଭେଣ୍ଡି

# ଉନ୍ନତ କିସମ

| କିସମ | ବିକଶିତ ସଂସ୍ଥା | ହାରାହାରି ଅମଳକ୍ଷମତା (ହେକ୍ଟର ପ୍ରତି) |
|---|---|---|
| ପୁଷା ମଖମଲି<br>ପୁଷା ସାଓନି<br>ପୁଷା ଏ -୪ | ଭାରତୀୟ କୃଷି ଅନୁସନ୍ଧାନ ସଂସ୍ଥା<br>ନୂଆ ଦିଲ୍ଲୀ | ୧୦୦ କୁଇଣ୍ଟାଲ<br>୭୫ କୁଇଣ୍ଟାଲ<br>୧୨୦ କୁଇଣ୍ଟାଲ |
| ଆଜାଦ୍ କ୍ରାନ୍ତି | ଚନ୍ଦ୍ର ଶେଖର ଆଜାଦ୍ କୃଷି ବିଶ୍ୱବିଦ୍ୟାଳୟ,<br>କାନପୁର | ୧୨୫କୁଇଣ୍ଟାଲ |
| ଅର୍କ ଅନାମିକା<br>ଅର୍କ ଅଭୟ | ଭାରତୀୟ ଉଦ୍ୟାନ କୃଷି ଅନୁସନ୍ଧାନ ସଂସ୍ଥା,<br>ବେଙ୍ଗାଲୁରୁ | ୧୨୫କୁଇଣ୍ଟାଲ<br>୧୦୦ କୁଇଣ୍ଟାଲ |
| ପଞ୍ଜାବ ପଦ୍ମନି<br>ପଞ୍ଜାବ ୭<br>ପଞ୍ଜାବ ୮ | ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟ, ପଞ୍ଜାବ | ୧୧୫କୁଇଣ୍ଟାଲ<br>୧୧୦କୁଇଣ୍ଟାଲ<br>୧୪୦ କୁଇଣ୍ଟାଲ |
| ପର୍ଭଣୀ କ୍ରାନ୍ତି | ପର୍ଭଣୀ, ମହାରାଷ୍ଟ୍ର | ୧୧୫କୁଇଣ୍ଟାଲ |
| ହିସାର ଉନ୍ନତ | ହିସାର, ହରିୟାଣା | ୧୦୦ କୁଇଣ୍ଟାଲ |
| କାଶୀ ପ୍ରଗତି<br>କାଶୀ କ୍ରାନ୍ତି<br>କାଶୀ ଶତଧାରୀ<br>କାଶୀ ବିଭୁତି<br>କାଶୀ ଲୀଳା | ଭାରତୀୟ ପନିପରିବା ଅନୁସନ୍ଧାନ ସଂସ୍ଥା,<br>ବନାରସ୍ | ୧୮୦ କୁଇଣ୍ଟାଲ<br>୧୪୦ କୁଇଣ୍ଟାଲ<br>୧୪୦ କୁଇଣ୍ଟାଲ<br>୧୨୦ କୁଇଣ୍ଟାଲ<br>୧୯୦ କୁଇଣ୍ଟାଲ |
| ଉତ୍କଳ ଗୌରବ | ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ,<br>ଭୁବନେଶ୍ୱର | ୧୨୫କୁଇଣ୍ଟାଲ |

ଅମଳ କରିବାରେ ସକ୍ଷମ ହୋଇପାରିଛି । ସମ୍ପ୍ରତି ଆନ୍ତର୍ଜାତୀୟ ବଜାରରେ ଭାରତୀୟ ଭେଣ୍ଡିର ଚାହିଦା ଅନେକ ବେଶୀ । ଭାରତରୁ ବିଦେଶକୁ ରପ୍ତାନି କରାଯାଉଥିବା ତାଜା ପରିବା ମଧ୍ୟରେ ପ୍ରାୟ ୬୦ ପ୍ରତିଶତ କେବଳ ଭେଣ୍ଡି ରପ୍ତାନି କରାଯାଇଥାଏ, ଯାହାଦ୍ୱାରା ଏକ ଭଲ ପରିମାଣର ବୈଦେଶିକ ମୁଦ୍ରା ମଧ୍ୟ ରୋଜଗାର କରାଯାଇ ପାରୁଛି ।

## ଜଳବାୟୁ

ଭେଣ୍ଡି ଏକ ଗ୍ରୀଷ୍ମ ମଣ୍ଡଳୀୟ ବା ଉପକ୍ରାନ୍ତୀୟ ଜଳବାୟୁ ଜନିତ ପରିବା । ସାଧାରଣତଃ ୨୫ରୁ ୩୫ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରାରେ ଭେଣ୍ଡି ମଞ୍ଜି ଗଜା ହୋଇଥାଏ ଓ ଏହାର ଗଛ ବୃଦ୍ଧି ମଧ୍ୟ ଭଲ ଭାବେ ହୋଇଥାଏ । ୧୭ ଡିଗ୍ରୀ ସେଣ୍ଟିଗ୍ରେଡ଼ରୁ କମ ତାପମାତ୍ରାରେ ଭେଣ୍ଡି ମଞ୍ଜି ଗଜା ହୋଇନଥାଏ । ଦିନର ତାପମାତ୍ରା ୪୨ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ଅଧିକ ହେଲେ ଭେଣ୍ଡିର ଫୁଲ ଝଡି ଯାଏ । ଉପଯୁକ୍ତ ମାତ୍ରାର ସୂର୍ଯ୍ୟାଲୋକ ଭେଣ୍ଡି ଗଛର ଅଭିବୃଦ୍ଧି ଓ ମାତ୍ରାଧିକ ଅମଳ ପାଇଁ ମୁଖ୍ୟ ଭୂମିକା ନିଭାଇ ଥାଏ । କିନ୍ତୁ ମାତ୍ରାଧିକ ତାପମାତ୍ରା ଏବଂ ସ୍ୱଳ୍ପ ଆର୍ଦ୍ରତା ଭେଣ୍ଡି ଗଛ ବୃଦ୍ଧିକୁ କମ୍ କରିଥାଏ ।

## ଜମିପ୍ରସ୍ତୁତି

ଭେଣ୍ଡି ସାଧାରଣତଃ ବିଭିନ୍ନ ପ୍ରକାରର ମାଟିରେ ଚାଷ କରାଯାଇଥାଏ, କିନ୍ତୁ ଖତ ସାରଯୁକ୍ତ ବାଲିଆ ଚିକିଟା ମାଟି ଯେଉଁଥିରେ ଉପଯୁକ୍ତ ପରିମାଣର ଜୀବାଶ୍ମ ବା ଜୈବିକ ପଦାର୍ଥ ଥିବ ଏବଂ ସେଠି ଜଳ ନିଷ୍କାସନ ପାଇଁ ସୁବନ୍ଦୋବସ୍ତ ହୋଇଥିବ, ସେହିପରି ମାଟି ଭେଣ୍ଡି ଚାଷ ପାଇଁ ଏକାନ୍ତ ଉପଯୁକ୍ତ । ମାଟିର ପି.ଏଚ. ଯାହା ଆମକୁ ମାଟିର ଅମ୍ଳୀୟତା ବା କ୍ଷାରୀୟତାର ସୂଚନା ଦେଇଥାଏ ଏହା ୬.୦ରୁ ୬.୮ ହେବା ଦରକାର ।




ପ୍ରଥମେ ଖରାଟିଆ ଚାଷ ମାଟିରେ ଅନାବନା ଘାସ ନିୟନ୍ତ୍ରଣ କରିଥାଏ ଓ ମାଟିରେ ଅଣୁଜୀବମାନଙ୍କୁ ନିୟନ୍ତ୍ରଣ କରି ମାଟିକୁ ଉର୍ବର କରିଥାଏ। ସେହି ପରି ଜମିକୁ ସାଧାରଣତଃ ୩ରୁ ୪ ଥର ଭଲଭାବେ ହଳ କରି ୨୦ ରୁ ୨୫ ସେଣ୍ଟିମିଟର ଗଭୀରତାର ମାଟିକୁ ସମ୍ପୂର୍ଣ୍ଣ ଗୁଣ୍ଡ କରିବା ଦରକାର। ମାଟିରୁ ଅନାବନା ଘାସ, ବଡ ମାଟି ଢେଲା ସବୁ ଅଲଗା କରି ମାଟିକୁ ଭଲଭାବେ ସମତଳ କରିବା ଦରକାର, ଏହା ମାଟିରେ ମଞ୍ଜିକୁ ଗଜା ହେବା ପାଇଁ ବିଶେଷ ଭାବେ ସହାୟକ ହୋଇଥାଏ। ଜମିରେ ଜଳସେଚନର ସୁବିଧା ଓ ଜମିର ଗଡାଣିଆକୁ ଅନୁଧ୍ୟାନ କରି ଜମିରେ ଛୋଟ ଛୋଟ କିଆରି ପ୍ରସ୍ତୁତ କରାଯିବା ଦରକାର।

## ଭେଣ୍ଡି ଚାଷ ପାଇଁ ଉପଯୁକ୍ତ ସମୟ

ଭେଣ୍ଡି ଏକ ଗ୍ରୀଷ୍ମ ମଣ୍ଡଳୀୟ ବା ଉପକ୍ରାନ୍ତୀୟ ଜଳବାୟୁ ଜନିତ ପରିବା, ଆମର ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ସାଧାରଣତଃ ଶୀତ ଋତୁର ପ୍ରଭାବ ଉତ୍ତର ଭାରତୀୟ ରାଜ୍ୟମାନଙ୍କ ତୁଳନାରେ କମ୍ ହୋଇଥାଏ। ଏଣୁ ଏହି ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ଭେଣ୍ଡି ସାଧାରଣତଃ ବର୍ଷସାରା ଚାଷ କରାଯାଇଥାଏ। କିନ୍ତୁ ଉତ୍ତର ଏବଂ ମଧ୍ୟ ଭାରତୀୟ ସମତଳ ଅଞ୍ଚଳରେ ଭେଣ୍ଡି ସାଧାରଣତଃ ଦୁଇଟି ଋତୁରେ ଚାଷ କରାଯାଇଥାଏ। ପ୍ରଥମଟି ହେଲା ବର୍ଷା ଋତୁ, ବର୍ଷା ଋତୁରେ ଭେଣ୍ଡି ଚାଷ ପାଇଁ ଜୁନ୍-ଜୁଲାଇରେ ଏବଂ ଦ୍ୱିତୀୟଟି ହେଲା ଗ୍ରୀଷ୍ମ ଋତୁରେ ଭେଣ୍ଡି ଚାଷ ପାଇଁ ଫେବୃଆରୀ-ମାର୍ଚ୍ଚରେ ମଞ୍ଜି ବୁଣାଯାଇଥାଏ। ଅଧିକ ଲାଭ ପାଇଁ ଅକ୍ଟୋବର ମାସରେ ମଧ୍ୟ ଭେଣ୍ଡି ମଞ୍ଜି ବୁଣାଯାଇଥାଏ।

## ଆବଶ୍ୟକ ବିହନର ପରିମାଣ

ଭେଣ୍ଡି ଚାଷ ପାଇଁ ବିହନର ପରିମାଣ ସାଧାରଣତଃ ବିହନ ବୁଣିବାର ସମୟ ଏବଂ ଫସଲର ଦୂରତା ଉପରେ ନିର୍ଭର କରିଥାଏ। ତେବେ ବର୍ଷା ଋତୁ ବା ଖରିଫ ଋତୁରେ ଭେଣ୍ଡି ଚାଷ ପାଇଁ, ହେକ୍ଟର ପ୍ରତି ୮ରୁ ୧୦ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥିବା ସମୟରେ ଗ୍ରୀଷ୍ମ ଋତୁରେ ଭେଣ୍ଡି ଚାଷ ପାଇଁ, ହେକ୍ଟର ପ୍ରତି ୧୮ରୁ ୨୨ କିଲୋଗ୍ରାମ ବିହନ ଆବଶ୍ୟକ ହୋଇଥାଏ।



## ବିହନ ବୁଣିବା ପଦ୍ଧତି



ଭେଣ୍ଡି ଚାଷ ପାଇଁ ବିହନ ବୁଣିବାର ସମୟରେ, ବିହନ ବିଶୋଧନ ନିହାତି ଆବଶ୍ୟକ, ତେବେ ପ୍ରତି ୧ କିଲୋଗ୍ରାମ ବିହନ ପାଇଁ ୨ଗ୍ରାମ ହିସାବରେ ବାଭିଷ୍ଟିନ୍ ବ୍ୟବହାର କରି ବିହନ ବିଶୋଧନ କଲେ ଏହା ଭେଣ୍ଡି ଚାରାକୁ ଝାଉଁଳା ରୋଗରୁ ରକ୍ଷା କରିଥାଏ।

ବର୍ଷା ଦିନିଆ ଭେଣ୍ଡି ଚାଷ ପାଇଁ ସାଧାରଣତଃ ସମତଳ ଯୁକ୍ତ କିଆରୀରେ ଭେଣ୍ଡି ମଞ୍ଜି ବୁଣା ଯାଇଥିବା ସମୟରେ ଗ୍ରୀଷ୍ମ ଋତୁ ଭେଣ୍ଡି ଚାଷ ପାଇଁ ହୁଡା ଯୁକ୍ତ କିଆରୀରେ ଭେଣ୍ଡି ମଞ୍ଜି ବୁଣା ଯାଇଥାଏ।

ତେବେ ଭେଣ୍ଡି ମଞ୍ଜି ଲଗାଇବା ଆଗରୁ ଜମିରେ ହାଲକା ଜଳସେଚନ କରି ଉପଯୁକ୍ତ ଆର୍ଦ୍ରତା ସହିତ ମଞ୍ଜି ଲଗାଇଲେ ଏହା ଅନେକ ପରିମାଣରେ ଲାଭ ଦାୟକ ହୋଇଥାଏ। ଭେଣ୍ଡି ମଞ୍ଜି ବୁଣିବା ସମୟରେ ଜମିରେ ହେକ୍ଟର ପ୍ରତି ୨୦ରୁ ୨୨ କିଲୋଗ୍ରାମ୍ ଦାନାଦାର୍ (ଫୁରାଡନ୍ ୩ଏ) ପ୍ରୟୋଗ କଲେ ଏହା ଭେଣ୍ଡି ଗଛକୁ ପ୍ରଥମ ୪ରୁ ୫ ସପ୍ତାହ ପର୍ଯ୍ୟନ୍ତ ସୂତ୍ରକୃମି ଦାଉରୁ ରକ୍ଷା କରିବା ସହିତ ଅନ୍ୟ କୀଟ ପତଙ୍ଗମାନଙ୍କ ଠାରୁ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ।

ଭେଣ୍ଡି ମଞ୍ଜି ବୁଣିବା ସମୟରେ ଆମେ ସାଧାରଣତଃ ଗୋଟିଏ ସ୍ଥାନରେ ଗୋଟିଏରୁ ଦୁଇଟି ମଞ୍ଜି ଲଗାଇଥାଉ। ଆବଶ୍ୟକ ହେଲେ ଗଜା ହୋଇ ନ ଥିବା ସ୍ଥାନରେ ପୁଣି ଗୋଟିଏ ମଞ୍ଜି ବ୍ୟବହାର କରି ସେହି ସ୍ଥାନକୁ ପୂରଣ କରିଥାଉ ଏବଂ ଏହିପରି ଭାବେ ହେକ୍ଟର ପ୍ରତି ୫୦ରୁ ୭୦ ହଜାର ଗଛ ପ୍ରସ୍ତୁତି କରିଥାଉ।

## ଧାଡିକୁ ଧାଡି ଓ ଗଛକୁ ଗଛ ବ୍ୟବଧାନ

ଭେଣ୍ଡି ଚାଷ ପାଇଁ ବିହନ ବୁଣିବା ସମୟରେ ଧାଡିକୁ ଧାଡି ଓ ଗଛକୁ ଗଛ ଦୂରତା ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ। ତେବେ ବର୍ଷା ଦିନିଆ ଭେଣ୍ଡି ଚାଷରେ ଶାଖାଯୁକ୍ତ

କିସମ ପାଇଁ ୬୦ ସେଣ୍ଟିମିଟର X ୪୫ ସେଣ୍ଟିମିଟର ଅଥବା ୬୦ସେଣ୍ଟିମିଟର X ୩୦ ସେଣ୍ଟିମିଟର ବ୍ୟବଧାନ ସହିତ ହେକ୍ଟର ପ୍ରତି ହାରାହାରି ୫୦ ହଜାର ଗଛ ଏବଂ ଶାଖାବିହିନ କିସମ ପାଇଁ ୪୫ ସେଣ୍ଟିମିଟରରେ ୩୦ ସେଣ୍ଟିମିଟର ବ୍ୟବଧାନ ସହିତ ହେକ୍ଟର ପ୍ରତି ହାରାହାରି ୬୬ ହଜାର ଗଛ ଲଗାଯାଇପାରିବ। ସେହିପରି, ଗ୍ରୀଷ୍ମ ଋତୁରେ ଭେଣ୍ଡି ଚାଷ ପାଇଁ ଶାଖାଯୁକ୍ତ କିସମ ପାଇଁ ୪୫ ସେଣ୍ଟିମିଟରରେ ୩୦ ସେଣ୍ଟିମିଟର ଏବଂ ଶାଖା ବିହୀନ କିସମ ପାଇଁ ୩୦ ସେଣ୍ଟିମିଟରରେ ୧୫ ସେଣ୍ଟିମିଟର ବ୍ୟବଧାନ ଦିଆଯାଇଥାଏ।

## ଭେଣ୍ଡି ଚାଷ ପାଇଁ ଖତ ଓ ସାର ପରିଚାଳନା



ଭେଣ୍ଡି ଚାଷ ପାଇଁ ଖତ ଓ ସାର ପରିଚାଳନା ସମୟରେ ଆମକୁ ସଠିକ୍ ସାର, ସଠିକ୍ ମାତ୍ରାରେ, ସଠିକ୍ ସମୟରେ ଓ ସଠିକ୍ ପ୍ରଣାଳୀରେ ପ୍ରୟୋଗ କରିବା ଦରକାର। ତେବେ ସମନ୍ୱିତ ଖତସାର ପରିଚାଳନା ଚାଷୀ ଭାଇମାନଙ୍କ ପାଇଁ ବିଶେଷ ଭାବେ ଲାଭଦାୟକ। ଭେଣ୍ଡି ଚାଷ ପାଇଁ ପ୍ରଥମେ ଜମି ପ୍ରସ୍ତୁତି ସମୟରେ ଆମକୁ ଜୈବିକ ସାର ହିସାବରେ ହେକ୍ଟର ପ୍ରତି ୫ ଟନ୍ ଶୁଖିଲା ଗୋବର ଖତ ପ୍ରୟୋଗ କରିବାକୁ ପଡିଥାଏ। ତେବେ ରାସାୟନିକ ସାର ହିସାବରେ, ଉନ୍ନତ କିସମର ଭେଣ୍ଡି ଚାଷ ପାଇଁ ଆମେ ହେକ୍ଟର ପ୍ରତି ୧୨୫: ୭୫:୬୦ କିଲୋଗ୍ରାମ ଯବକ୍ଷାରଯାନ, ଫସଫରସ୍ ଓ ପୋଟାସିୟମ ପ୍ରୟୋଗ କରୁଥିବା ସମୟରେ ଶଙ୍କର କିସମ ଭେଣ୍ଡି ଚାଷ ପାଇଁ ୨୦୦:୧୦୦:୧୦୦ କିଲୋଗ୍ରାମ ଯବକ୍ଷାରଯାନ, ଫସଫରସ୍ ଓ ପୋଟାସିୟମ ପ୍ରୟୋଗ କରିଥାଉ। ରାସାୟନିକ ସାର ପ୍ରୟୋଗ ସମୟରେ ଅଧା ଯବକ୍ଷାରଯାନ ସହିତ ଅନ୍ୟ ସାର ପୂର୍ଣ୍ଣ ମାତ୍ରାରେ ପ୍ରୟୋଗ କରିବା ଦରକାର। ଅବଶିଷ୍ଟ ଯବକ୍ଷାରଯାନକୁ ଦୁଇ ଭାଗରେ ମଞ୍ଜି ଲଗାଇବାର ୩୦ ଦିନ ପରେ ଓ ୬୦ ଦିନ ପରେ ପ୍ରୟୋଗ କରିବା ଦରକାର।

ସାର ସବୁ ସମୟରେ ଗଛର ଚେର ନିକଟବର୍ତ୍ତୀ ସ୍ଥାନରେ ପ୍ରୟୋଗ କରନ୍ତୁ। ସାର ପ୍ରୟୋଗ କରିବା ପରେପରେ ସାରକୁ ଭଲ ଭାବେ ମାଟି ଦ୍ୱାରା ଘୋଡେଇ ଦିଅନ୍ତୁ ଓ ତୁରନ୍ତ ଜଳସେଚନ କରନ୍ତୁ। ଏହା ଦ୍ୱାରା ଗଛ ସାର ଗୁଡିକ ସଠିକ୍ ରୂପରେ ଗ୍ରହଣ କରିବା ସହିତ ତା'ର ଉପଯୁକ୍ତ ବ୍ୟବହାର କରିପାରିବ।

## ଭେଣ୍ଡି ଚାଷରେ ଜଳ ପରିଚାଳନା

ପ୍ରଥମେ ବିହନ ବା ମଞ୍ଜି ଲଗାଇବା ପୂର୍ବରୁ ଜମିର ଆର୍ଦ୍ରତା ବଜାୟ ରଖିବା ଆବଶ୍ୟକ। ସାଧାରଣତଃ ବର୍ଷା ଦିନିଆ ଭେଣ୍ଡି ଚାଷରେ ବର୍ଷାର ପରିମାଣକୁ ଅନୁଧ୍ୟାନ କରି ଆବଶ୍ୟକ ସ୍ଥଳେ ଜଳସେଚନ କରନ୍ତୁ। ଗ୍ରୀଷ୍ମ ଋତୁରେ ଭେଣ୍ଡି ଚାଷ ପାଇଁ ମଞ୍ଜି ଗଜା ହେବ ଠାରୁ ଆରମ୍ଭକରି ପ୍ରଥମ ପତ୍ର ବାହାରିବା ଓ ଗଛ ବୃଦ୍ଧି ହେବା ପର୍ଯ୍ୟନ୍ତ ୫ରୁ ୬ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ। ଏତଦ୍‌ବ୍ୟତୀତ ଭେଣ୍ଡି ଗଛର କେତୋଟି ଅତ୍ୟାବଶ୍ୟକ ସମୟ ଅଛି, ଯେମିତିକି ଗଛରେ ଫୁଲ ଧରିବା ସମୟ ଓ ଫଳ ଧରିବା ସମୟ, ଏହି ସବୁ ସମୟରେ ଜଳସେଚନ ଏକାନ୍ତ ଆବଶ୍ୟକ, କାରଣ ଏହି ସବୁ ସମୟରେ ଜଳସେଚନର ଅଭାବ ଅମଳ ହ୍ରାସର ମୁଖ୍ୟ କାରଣ।

## ଭେଣ୍ଡି ଚାଷ ରେ ଘାସ ପରିଚାଳନା



ଭେଣ୍ଡି ଚାଷରେ ଅନାବନା ଘାସ ନିୟନ୍ତ୍ରଣ ଏହାର ଅମଳ ବୃଦ୍ଧି ପାଇଁ ଏକାନ୍ତ ଆବଶ୍ୟକ। ଭେଣ୍ଡି ଗଛର ଡାଳ ଦ୍ୱାରା ଯେ ପର୍ଯ୍ୟନ୍ତ ମାଟି ଘୋଡେଇ ହୋଇନି, ସେ ପର୍ଯ୍ୟନ୍ତ କମ୍‌ସେ କମ୍ ଦୁଇ ଥର ଘାସ ବାଛିବା ଆବଶ୍ୟକ। ତେବେ ଏହି ଘାସ ବଛା ଚାଷୀମାନଙ୍କ ପାଇଁ ବ୍ୟୟବହୁଳ ହୋଇଥାଏ, ଏଣୁ ତୃଣନାଶକ ବା ଘାସମରା ଔଷଧର ବ୍ୟବହାର ଏହି ସବୁ ମାତ୍ରାଧିକ ବ୍ୟୟରୁ ସୁରକ୍ଷା ପ୍ରଦାନ କରିଥାଏ।

ମଞ୍ଜି ଲଗାଇବାର ୧ ରୁ ୨ ଦିନ ପରେ ପେଣ୍ଡିମିଥାଲିନ୍ (ଷ୍ଟମ୍ପ) ପରି ତୃଣନାଶକ ବା ଘାସମରା ଔଷଧ ଲିଟର ପ୍ରତି ୫ ମିଲି ଲିଟର ହିସାବରେ ସିଂଚନ କଲେ, ଏହା ହାରାହାରି ୪ରୁ ୫ ସପ୍ତାହ ପର୍ଯ୍ୟନ୍ତ ଜମିକୁ ଅନାବନା ଘାସ ଦାଉରୁ ରକ୍ଷା କରି ଫସଲ ଅଭିବୃଦ୍ଧିରେ ସହାୟକ ହୋଇଥାଏ।

## ଅମଳ



ଭେଣ୍ଡି ସାଧାରଣତଃ ମଞ୍ଜି ଲଗାଇବାର ୪୦ରୁ ୫୦ ଦିନ ପରେ ଅମଳ କ୍ଷମ ହୋଇଥାଏ। କିନ୍ତୁ ପରେ ପରେ ପ୍ରାୟତଃ ପ୍ରତି ଦୁଇଦିନ ବ୍ୟବଧାନରେ ଭେଣ୍ଡି ଅମଳ କ୍ଷମ ହୋଇଥାଏ। ଏଣୁ ପ୍ରତି ଦୁଇଦିନ ବ୍ୟବଧାନରେ କଷି ଭେଣ୍ଡିକୁ ଛୁରି ସାହାଯ୍ୟରେ ହେଉ କିମ୍ବା ହାତରେ ଭାଙ୍ଗି କରି ହେଉ କିମ୍ବା ତୋଳା ଯନ୍ତ୍ର ସାହାଯ୍ୟରେ ଅମଳ କରାଯିବା ଦରକାର। ପାଖରେ ଥିବା ବଜାର ପାଇଁ ଭେଣ୍ଡି ଯଥା ସମ୍ଭବ ସକାଳ ସମୟରେ ତୋଳାନ୍ତୁ କାରଣ ଏହି ସମୟରେ ଭେଣ୍ଡିରେ ଥିବା ସୂକ୍ଷ୍ମ ଲୋମ ଗୁଡିକ ନରମ ଥାଏ, ଭେଣ୍ଡି ତୋଳିବା ପାଇଁ ସୁବିଧା ହୋଇଥାଏ। କିନ୍ତୁ ଦୂର ବଜାର ପାଇଁ



ଭେଣ୍ଡି ସନ୍ଧ୍ୟା ସମୟରେ ତୋଳାନ୍ତୁ ଏହା ଦ୍ୱାରା ଭେଣ୍ଡି ଗୁଡିକ ରାତିରେ ଥଣ୍ଡା ପରିବେଶ ଭିତରେ ଦୂରକୁ ସୂଚାରୁ ରୂପେ ପଠାଯାଇ ପାରିବ।

ଉନ୍ନତ କିସମର ଭେଣ୍ଡି ବର୍ଷା ଋତୁରେ ହେକ୍ଟର ପ୍ରତି ୧୧ରୁ ୧୨ ଟନ୍ ଅମଳ ଦେଉଥିବା ସମୟରେ ଗ୍ରୀଷ୍ମ ଋତୁରେ ହେକ୍ଟର ପ୍ରତି ୭ରୁ ୮ ଟନ୍ ଅମଳ ଦେଇଥାଏ। କିନ୍ତୁ ଶଙ୍କର କିସମର ଭେଣ୍ଡି ହେକ୍ଟର ପ୍ରତି ୧୫ ରୁ ୧୮ ଟନ୍ ପର୍ଯ୍ୟନ୍ତ ଅମଳ ଦେଇଥାଏ।

## ଅମଳ ପରବର୍ତ୍ତୀ ଯତ୍ନ

ଭେଣ୍ଡି ଅମଳ କରାଯିବା ପରେ ତୁରନ୍ତ ଏହାକୁ କୌଣସି ଥଣ୍ଡା ଜାଗା କୁ ସ୍ଥାନାନ୍ତରଣ କରନ୍ତୁ ଓ ଭେଣ୍ଡି ର ଆକାର ଅନୁସାରେ ଅଲଗା ଅଲଗା କରି ସାଇତି ରଖନ୍ତୁ। ରପ୍ତାନି ତଥା ପ୍ରକ୍ରିୟାକରଣ ପାଇଁ ୬ ରୁ ୮ସେଣ୍ଟିମିଟରର ଲମ୍ବ ବିଶିଷ୍ଟ ଭେଣ୍ଡିକୁ ଅଲଗା କରି ରଖନ୍ତୁ। ୧୦ରୁ ୧୫ ସେଣ୍ଟିମିଟର ଲମ୍ବ ଭେଣ୍ଡିକୁ ନିକଟସ୍ଥ ବଜାରରେ ବିକ୍ରି କରନ୍ତୁ।

ଭେଣ୍ଡିକୁ ସାଧାରଣତଃ ୭ ରୁ ୧୦ ଡିଗ୍ରୀ ତାପମାତ୍ରା ଓ ୯୦ ରୁ ୯୫ ପ୍ରତିଶତ ଅର୍ଦ୍ରତା ରେ ୭ ରୁ ୧୦ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିବ। ଏହି ସମୟରେ ଏହାର ରଙ୍ଗ, ଆକାର କିମ୍ବା ଓଜନରେ କୌଣସ ପରିବର୍ତ୍ତନ ହୋଇନଥାଏ।


## ରୋଗ, କୀଟ ପତଙ୍ଗ ଓ ଏହାର ନିୟନ୍ତ୍ରଣ

ଭେଣ୍ଡି ରେ ବିଭିନ୍ନ ପ୍ରକାରର ଝାଉଁଳା ରୋଗ ହୋଇଥାଏ। ଏହା ସାଧାରଣତଃ ଏକ ପ୍ରକାରର ମୃତ୍ତିକା ଜନିତ ବା ବିହନ ଜନିତ ରୋଗ। ଭେଣ୍ଡି ଗଛରେ ପତ୍ର ହଳଦିଆ ହୋଇ ଗଛର ଅଭିବୃଦ୍ଧି କମ୍ ହେଲେ, ଏହା ଝାଉଁଳା ରୋଗର ଲକ୍ଷଣ ବୋଲି ଧରାଯାଇଥାଏ। ଏହି ରୋଗଦ୍ୱାରା ଗଛର ଚେର ଗୁଡିକ, କବକ ଦ୍ୱାରା ଆକ୍ରାନ୍ତ ହୋଇ ମାଟିରୁ ଖାଦ୍ୟ ଓ ଜଳ ଗ୍ରହଣ କରିବାରେ ଅସମର୍ଥ ହୋଇଥାନ୍ତି। ସୁତରାଂ ଭେଣ୍ଡି ଗଛଟି ଖାଦ୍ୟ ଓ ଜଳ ଅଭାବରୁ ମରିଯାଇଥାଏ।

ଭେଣ୍ଡି ଚାଷରେ ଝାଉଁଳା ରୋଗର ନିୟନ୍ତ୍ରଣ ପାଇଁ ପ୍ରଥମେ ପ୍ରତି ୧ କିଲୋଗ୍ରାମ ବିହନ ପାଇଁ ୩ ଗ୍ରାମ କାର୍ବେଣ୍ଡାଜିମ୍ କିମ୍ବା ମଙ୍କୋଜେବ୍ ଦ୍ୱାରା ବିହନ ବିଶୋଧନ କରନ୍ତୁ। ଝାଉଁଳା ରୋଗଦ୍ୱାରା ଆକ୍ରାନ୍ତ ହୋଇଥିବା ଭେଣ୍ଡି ଗଛ ଗୁଡିକୁ କାଢି ସମ୍ପୁର୍ଣ୍ଣ ଭାବେ ନଷ୍ଟ କରି ଦିଅନ୍ତୁ ପରେ ଲିଟର ପ୍ରତି ୩ ଗ୍ରାମ ହିସାବରେ କପରଅକସିକ୍ଲୋରାଇଡ୍ ପାଣିରେ ମିଶାଇ ଗଛର ମୂଳକୁ ପ୍ରୟୋଗ କରନ୍ତୁ।



ଏତଦ୍ ବ୍ୟତୀତ ଭେଣ୍ଡିରେ ସାହେବୀ ରୋଗ ଅନେକ ମାତ୍ରାରେ ଭେଣ୍ଡି ଉତ୍ପାଦନକୁ କମ କରିଥାଏ। ଧଳାମାଛି ଏହି ରୋଗର ମୁଖ୍ୟ କାରକ, ଏହା ଭେଣ୍ଡି ଫସଲରେ ସାହେବୀ ରୋଗ ରୋଗକୁ ଅନେକ ପରିମାଣରେ ବଢାଇଥାଏ। ଏହି ରୋଗ ଦ୍ୱାରା ଭେଣ୍ଡି ଗଛର ପତ୍ରରେ ଶିରା ପ୍ରଶିରା ଗୁଡିକ ତୁଳନାତ୍ମକ ଭାବେ ମୋଟା ଓ ହଳଦିଆ ହୋଇଯାଏ। ସୁତରାଂ ଭେଣ୍ଡି ଗଛଟି ସମ୍ପୂର୍ଣ୍ଣ ଭାବେ ହଳଦିଆ ହୋଇ ଅଭିବୃଦ୍ଧି ହରାଇଥାଏ ଓ ନିମ୍ନମାନର ଅମଳ ଦେଇଥାଏ।



ଭେଣ୍ଡି ଚାଷରେ ସାହେବୀ ରୋଗର ନିୟନ୍ତ୍ରଣ ପାଇଁ ରୋଗ ସହନଶକ୍ତି ବିଶିଷ୍ଟ କିସମ ଚୟନ କରନ୍ତୁ ଓ ଧଳାମାଛିକୁ ନିୟନ୍ତ୍ରଣ କରିବା ପାଇଁ ଥାୟୋମେଥୋକ୍ସାମ୍ ୨୫ ପ୍ରତିଶତ ହେକ୍ଟର ପ୍ରତି ୧୦୦ ଗ୍ରାମ୍ କିମ୍ବା ଏକ୍ଷିଟାମିପ୍ରିଡ୍ ୨୦ ପ୍ରତିଶତ ହେକ୍ଟର ପ୍ରତି ୭୫ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ।

ଧଳାମାଛି ପରି ଅନେକ ଗୁଡିଏ ଶୋଷକ ପୋକ ମଧ୍ୟ ଭେଣ୍ଡି ଫସଲକୁ ବିଶେଷ ମାତ୍ରରେ ଆକ୍ରାନ୍ତ କରିଥାନ୍ତି। ଏହି ଶୋଷକ ପୋକମାନଙ୍କର ନିୟନ୍ତ୍ରଣ ପାଇଁ ଥାୟୋମେଥୋକ୍ସାମ୍ ୨୫ ପ୍ରତିଶତ ହେକ୍ଟର ପ୍ରତି ୧୦୦ ଗ୍ରାମ୍ କିମ୍ବା ଏକ୍ଷିଟାମିପ୍ରିଡ୍ ୨୦ ପ୍ରତିଶତ ହେକ୍ଟର ପ୍ରତି ୭୫ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ।